# ଦଶହରାରେ ସମ୍ପୂର୍ଣ୍ଣ ଶରୀରରେ ପୂଜା ପାଆନ୍ତି ଛିନ୍ନମସ୍ତା

ଟିକିରି,୬।୧୦ (ପ୍ରଫୁଲ୍ଲ କୁମାର ବେହେରା)



କାଶୀପୁରରେ ଥିବା ମା' ମାଣିକେଶ୍ୱରୀଙ୍କ ପୀଠ।

ଦଶହରା ପାଇଁ ରାୟଗଡ଼ା ଜିଲା କାଶୀପୁରଠାରେ ଥିବା ମା' ମାଣିକେଶ୍ୱରୀ ପୀଠ ଚଳଚଞ୍ଚଳ ହୋଇଉଠିଛି। ବର୍ଷ ସାରା ଏଠାରେ ମା' ଛିନ୍ନମସ୍ତା ରୂପେ ପୂଜା ପାଉଥିବାବେଳେ ଦଶହରା ସମୟରେ ୧୦ ଦିନ ମା'ଙ୍କ ସମ୍ପୂର୍ଣ୍ଣ ଶରୀରକୁ ପୂଜା କରାଯାଏ। କଳାହାଣ୍ଡି ଜିଲା ଭବାନୀପାଟଣାରେ ମା' ମାଣିକେଶ୍ୱରୀଙ୍କ ଦେହାବଶେଷ, ଛତ୍ର ପୂଜା ପାଉଥିବାବେଳେ କାଶୀପୁରରେ ହୃତପିଣ୍ଡ ଓ ଯନ୍ତ୍ର ପୂଜା କରାଯାଏ। ତେଣୁ ପ୍ରତିବର୍ଷ ଦଶହରାର ପ୍ରତିପଦାଠାରୁ ଦଶମୀ ଯାଏ ସ୍ୱତନ୍ତ୍ର ପୂଜାପାଠ ଚାଲେ। ମା'ଙ୍କ ଗଢାଯାଇଥିବା ମସ୍ତକକୁ ନେଇ ଶରୀରରେ ସ୍ଥାପନା କରାଯାଏ। ଦଶହରା ଶେଷ ଦିନ(ଦଶମୀ)ରେ ସିନ୍ଧୁକରେ ଥିବା ବିଜୟ ପ୍ରତିମାକୁ ମହାସ୍ନାନ କରାଇ ଗର୍ଭଗୃହରେ ସ୍ଥାପିତ କରାଯାଇ ପୂଜା କରାଯାଏ । ଦଶମୀ ଦିନ ମଧ୍ୟରାତ୍ରରେ ନିଶିପୂଜା କରାଯିବା ସହ ବଳି ଦିଆଯିବା ପରେ ଯନ୍ତ୍ରକୁ ପୂର୍ବ ଭଳି ରଖିଦିଆଯାଏ। ବହୁପୂର୍ବରୁ ଏଠାରେ ବଳି ପରମ୍ପରା ଚାଲୁ ରହିଆସିଛି । ଦଶହରାର ପଞ୍ଚମୀ ଦିନ ଏକ ମେଣ୍ଢାକୁ ପୂଜା କରି ଦେବୀଙ୍କୁ ସମର୍ପଣ କରାଯାଏ । ଅଷ୍ଟମୀ ଦିନ ମେଣ୍ଢାକୁ ଗ୍ରାମ ଭ୍ରମଣ କରାଯିବା ସହ ଫୁଲ ଚନ୍ଦନ ଲଗାଇ ୨ କିଲୋମିଟର ଦୂର ଜେନାଖାଲ ସ୍ଥାନରେ ଭୋର ସମୟରେ ବଳିନୀତି ସମ୍ପନ୍ନ ହୁଏ । ଦେବୀ ପୂଜାରୀଙ୍କ ଉପରେ ପ୍ରସନ୍ନ ହେବା ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରନ୍ତି ।

ସେହିପରି କାଶୀପୁର ଦଶହରାର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ହେଲା ଲାଖ ବିନ୍ଧା ପର୍ବ। ଦଶମୀ ଦିନ ପୂଜା ପରେ ଅପରାହ୍ଣରେ ଗ୍ରାମର ୩ ଦେବୀ ବୁଢାରାଜା, ମାଣିକେଶ୍ୱରୀ ଓ ସାତଭଉଣୀ ଦେବୀଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା ପରେ ଲାଖବିନ୍ଧା ପର୍ବ ପାଇଁ ସଜବାଜ ଚାଲେ। ବାଜାବାଜଣା ମହୁରି ସହ ପ୍ରବଳ ଜନସମାଗମ ହୁଏ। ପୀଠଠାରୁ ୨ କିଲୋମିଟର ଦୂର କାଶୀପୁର–ଭବାନୀପାଟଣା ରାସ୍ତାର ମଝିରେ ଥିବା ନାକଟିଗୁଡି ମନ୍ଦିର ରାସ୍ତାରେ ଦୁଇଟି ଲାଖ ବନ୍ଧାଯାଏ । ଗୋଟିଏ କାଶୀପୁର ଲାଖ ଏବଂ ଅନ୍ୟଟି ଥୁଆମୂଳ ରାମପୁର ଲାଖ ଭାବେ ପରିଚିତ । ଅନତି ଦୂରରୁ ପ୍ରଥମେ ବୁଢାରାଜା ମନ୍ଦିର ବନ୍ଧୁକରେ ରାଜପରିବାରର ବ୍ୟକ୍ତି ଲାଖକୁ ଲକ୍ଷ୍ୟ କଲା ପରେ ବନ୍ଧୁକ ଥିବା ସ୍ଥାନୀୟ ଜନସାଧାରଣ ଲାଖକୁ ଲକ୍ଷ୍ୟ କରିବାର ସୁଯୋଗ ମିଳେ । ପ୍ରଥମ ଲାଖ ବିନ୍ଧାଳୀଙ୍କୁ ରାଜା ମୁଣ୍ଡରେ ଶିରିପା ବାନ୍ଧି ଗ୍ରାମ ପରିକ୍ରମା କରାଇଥାନ୍ତି । ୮ ବର୍ଷ ଧରି ରାଜପରିବାରର ସଦସ୍ୟ ନୀଳାମ୍ବର ସିଂ ପ୍ରଥମ ବନ୍ଧୁକ ଚାଳନା କରିଆସୁଛନ୍ତି । ସମ୍ପ୍ରତି ଦଶହରା ଉତ୍ସବକୁ ରାଜକୁମାର ଡ. ଦିବ୍ୟେନ୍ଦୁ କୁମାର ଦେଓ ପରିଚାଳନା କରନ୍ତି । ଏହି ଦିନ ଆଦିବାସୀ ଜାନୀ ସମ୍ପ୍ରଦାୟର ଲୋକଙ୍କୁ ରାଜା ଟୋକିମରା ପର୍ବ ଲାଗି ଅନୁମତି ପ୍ରଦାନ କରନ୍ତି । କାଶୀପୁର ଦଶହରା ପରମ୍ପରା ଏବେ ବି ନିଜର ଗାରିମା ହରାଇ ନ ଥିବାବେଳେ ଲାଖବିନ୍ଧା ପର୍ବକୁ ଦେଖିବା ଲାଗି ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ।

**ମା' ମାଣିକେଶ୍ୱରୀଙ୍କ ପୀଠ ଚଳଚଞ୍ଚଳ**

**ଲାଖ ବିନ୍ଧା ପର୍ବ ଅନ୍ୟ ଏକ ଆକର୍ଷଣ**

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ସୁରଭି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀ।

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ମାଟିକଣା ହାଇସ୍କୁଲ ପ୍ରଧାନଶିକ୍ଷକ ତଥା କ୍ଲଷ୍ଟର ସଭାପତି ଶଶିଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମମତା କର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଏବିଇଓ ୱାଗରାଇ ଶବର, କୋତାପେଟା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ଉପାଧ୍ୟୟ, ହାଲୁଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ଓ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୁରଭି କାର୍ଯ୍ୟକ୍ରମରେ ୧୮ଟି ବିଦ୍ୟାଳୟର ୧୩୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିରୁ କୃତିତ୍ୱ ହାସଲ କରିଥିବା ୬୪ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମାଟିକଣା ହାଇସ୍କୁଲର ଛାତ୍ରୀଛାତ୍ର ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ ।

# ଜବରଦଖଲରେ ଷ୍ଟାଡିୟମ ଜମି

ରାୟଗଡ଼ା,୬।୧୦(ଆଶିଷ ରଞ୍ଜନ ପଣ୍ଡା)

- ଜିଲାରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ହୋଇପାରିନି
- ଗୋଟିଏ ବି ନାହିଁ ଷ୍ଟାଡିୟମ
- ୫୦ ଲକ୍ଷ ଖର୍ଚ୍ଚରେ ନିର୍ମିତ ପାଚେରି ଭାଙ୍ଗି ଗଲାଣି

ରାୟଗଡ଼ା ଜିଲା ଗଠନ ୩୩ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଜିଲାରେ ଗୋଟିଏ ହେଲେ ଷ୍ଟାଡ଼ିୟମ ନିର୍ମାଣ ହୋଇପାରିନି । ବିଶେଷ ଭାବେ କ୍ରୀଡ଼ା କ୍ଷେତ୍ରରେ ଜିଲାରେ ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ କ୍ରୀଡ଼ାବିତଙ୍କ ମନରେ ଉତ୍ସାହ କମୁଥିବା ପରିଲକ୍ଷିତ ହୋଇଛି। ୧୧ବର୍ଷ ପୂର୍ବେ ବୃହତ ଷ୍ଟାଡ଼ିୟମ ନିର୍ମାଣ ପାଇଁ ରାୟଗଡ଼ା ବ୍ଲକ ଜେକେପୁରଠାରେ ୧୨ଏକର ପରିମିତ ଜମି ଚିହ୍ନଟ ହୋଇଥିଲା । ସେଠାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି ମଧ୍ୟ ନିର୍ମାଣ ହୋଇଥିଲା । ହେଲେ ପରବର୍ତ୍ତୀ ସମୟରେ ଉକ୍ତ ପାଚେରି ଭାଙ୍ଗି ତାହା ବର୍ତ୍ତମାନ ଜବରଦଖଲରେ ରହିବା ସହ ଏବେ ଟ୍ରକ ରହଣିସ୍ଥଳି ପାଲଟିଛି । ଏ ନେଇ ପ୍ରଶାସନ ଜାଣିଥିଲେ ମଧ୍ୟ ଚୁପ୍ । ଅନ୍ୟପଟେ ଉକ୍ତ ଜମିକୁ ଜବରଦଖଲରୁ ନ ହଟାଇ ଜିଲା ପ୍ରଶାସନ (କ୍ରୀଡ଼ା ବିଭାଗ) ପକ୍ଷରୁ ଅତିରିକ୍ତ ଜିଲାପାଳ ରାୟଗଡ଼ା ପୌରାଞ୍ଚଳ ମଧ୍ୟରେ ସ୍ଥାନ ନିରୂପଣ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଗତ ୧ ତାରିଖରେ ଜିଲାପାଳ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୪୮୮ରେ ଉଲ୍ଲେଖ ରହିଛି । ୧୫ ଏକର ଜମି ଚିହ୍ନଟ ପାଇଁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି । ତେବେ ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡା ବିଭାଗକୁ ଯେଉଁ ୧୨ ଏକର ଜମି ଜେକେପୁରଠାରେ ପ୍ରଦାନ କରାଯାଇଛି ତାହା କ'ଣ ହେବ ସେ ନେଇ ପ୍ରଶ୍ନ ଉଠୁଛି ।

ରାୟଗଡ଼ା ସହରଠାରୁ ୧୦ କିଲୋମିଟର ଦୂର ଜେକେପୁରଠାରେ ୧୨ ଏକର ପରିମିତ ଜମିରେ ଏକ ବୃହତ ଷ୍ଟାଡ଼ିୟମ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ପୂର୍ବ ଯୋଜନା ପ୍ରକାରେ ସ୍ଥାନ ଚୟନ ପରେ ସେହି ଜାଗାକୁ ସଫାକରି ୫୦ ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପାଚେରି ନିର୍ମାଣ କଲା। ପରବର୍ତ୍ତୀ ସମୟରେ ସେହି ପାଚେରି ଭଙ୍ଗାଯାଇ ଜବରଦଖଲରେ ରହିଛି । ବର୍ତ୍ତମାନ ଏହା ଟ୍ରକ ରହଣିସ୍ଥଳି ପାଲଟିଥିବାବେଳେ ଦୈନିକ ଆସୁଥିବା ଶତାଧିକ ଟ୍ରକ ସେହି ସ୍ଥାନରେ ପାର୍କିଂ କରୁଛନ୍ତି। ହେଲେ ଏହି ଜମିକୁ ଜବରଦଖଲରୁ ଉଚ୍ଛେଦ ନ କରି ପ୍ରଶାସନ କାହିଁକି ନୀରବଦ୍ରଷ୍ଟା ସାଜିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷେ, ଷ୍ଟାଡ଼ିୟମ ନିର୍ମାଣ ହେଲେ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ଯେଉଁ ଆଶା ରହିଥିଲା ତାହା ମଉଳିବାରେ ଲାଗିଛି। ବର୍ଷ ପରେ ବର୍ଷ ବିତିଚାଲିଛି, ହେଲେ ଷ୍ଟାଡିୟମ ନିର୍ମାଣ ହୋଇପାରୁନାହିଁ। ସେପଟେ ଜେକେ କାଗଜକଳ କାହିଁକି କ୍ରୀଡା ବିଭାଗ ଜମି ଜବରଦଖଲ କରିଛି ଏବଂ ପ୍ରଶାସନ ପକ୍ଷରୁ କାହିଁକି କିଛି ପଦକ୍ଷେପ ନିଆଯାଉନି ଏହା ପଛର ରହସ୍ୟ ତଦନ୍ତସାପେକ୍ଷ। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁରଙ୍କୁ ପଚାରିବାରୁ ଜିଲା ସଦର ମହକୁମାରେ ଜମି ଚିହ୍ନଟ କରି ଷ୍ଟାଡ଼ିୟମ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି । ତେଣୁ ସ୍ଥାନ ନିରୂପଣ ପରେ ଷ୍ଟାଡିୟମ ନିର୍ମାଣ ହେବ ବୋଲି କହିଛନ୍ତି । ଜେକେପୁରଠାରେ ରହିଥିବା ଜମି ଆମ ଦଖଲରେ ଅଛି ଏବଂ ଆଗକୁ ତାହା ମଧ୍ୟ ବ୍ୟବହୃତ ହେବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଆଲିନୁର କହିଛନ୍ତି।

## ଜୁଆ ଆଡ୍ଡାରୁ ୬ ଗିରଫ, ୨ ଲକ୍ଷ ୧୮ ହଜାର ଜବତ

ବ୍ରହ୍ମପୁର,୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରତିବର୍ଷ ପାର୍ବଣ ଅବସରରେ ଗଞ୍ଜାମ ଜିଲାର କୋଣ ଅନୁକୋଣରେ ଜୁଆଖେଳ ଚାଲିବା ଏକ ପରମ୍ପରା ହୋଇଯାଇଛି। ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳଗୁଡିକରେ ଲୁଚାଛପାରେ ଏହି ଜୁଆ ଖେଳ ପଡୁଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ ବି ଜାରି ରହିଛି। ଏହି ଜୁଆ ଖେଳରେ ଯୁବପିଢ଼ି ସର୍ବସ୍ୱ ହରାଉଥିବାରୁ ପୋଲିସ ପକ୍ଷରୁ ଏହା ଉପରେ କଡା ନଜର ରହୁଛି। ସେହିକ୍ରମରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାସୁଦେବ ନଗର ତୃତୀୟ ଲାଇନ ସ୍ଥିତ ଏକ ଆପାର୍ଟମେଣ୍ଟରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ପକ୍ଷରୁ ଚଢଉ କରାଯାଇଛି । ସେଠାରୁ ୬ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୨ଲକ୍ଷ ୧୮ ହଜାର ୩୪୦ ଟଙ୍କା, ୬ଟି ମୋବାଇଲ, ୩ଟି ବାଇକ ଜବତ ହୋଇଛି ।

## ଟ୍ରକ୍ ଧକ୍କାରେ ପାଉଁରୁଟି ବ୍ୟବସାୟୀ ଗୁରୁତର

ଛତ୍ରପୁର,୬।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ଥାନା ଅନ୍ତର୍ଗତ ହୁମ୍ବର ପଦରମାଳ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ରବିବାର ଭୋରରେ ଟ୍ରକ୍ ଧକ୍କାରେ ଜଣେ ପାଉଁରୁଟି ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ବେଲଗୁଣ୍ଠା ଥାନା ଅଧୀନ ଗୋଠୱାରି ଗ୍ରାମର ସନ୍ନ୍ୟାସୀ ବିଷୋୟୀ । ସନ୍ନ୍ୟାସୀ ସାଇକେଲରେ ପାଉଁରୁଟି ଧରି ବିକିବାକୁ ଯାଉଥିବା ବେଳେ କୌଣସି ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଫଳରେ ସନ୍ନ୍ୟାସୀ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ପାଉଁରୁଟିଗୁଡିକ ଛିନଛତ୍ର ହୋଇ ପଡ଼ି ରହିଥିଲା। କେହି ଜଣେ ସହୃଦୟ ବ୍ୟକ୍ତି ଆମ୍ବୁଲାନ୍ସକୁ ଫୋନ କରି ଡାକି ଗୁରୁତର ଅବସ୍ଥାରେ ସନ୍ନ୍ୟାସୀଙ୍କୁ ଛତ୍ରପୁର ମେଡ଼ିକାଲକୁ ନେଇଥିଲେ।

# ଗୃହରକ୍ଷୀଙ୍କୁ ପୁନଃ ନିଯୁକ୍ତି ନେଇ ଆଲୋଚନା



ବୈଠକରେ ଯୋଗ ଦେଇଥିବା ଗୃହରକ୍ଷୀ ।

ମୁନିଗୁଡା,୬।୧୦ (ନନ୍ଦ କିଶୋର ପଟ୍ଟନାୟକ)

ରାଜ୍ୟ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଆହ୍ୱାନକ୍ରମେ ମୁନିଗୁଡାର ମୁନିଖୋଲସ୍ଥିତ ମନ୍ଦିର ପରିସରରେ ଜିଲ୍ଲାର ସମସ୍ତ ବ୍ଲକର ଗୃହରକ୍ଷୀମାନେ ଏକତ୍ରିତ ହୋଇ ସେମାନଙ୍କୁ ପୁନଃ ନିଯୁକ୍ତି ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ସୁଶାନ୍ତ କୁମାର ପାଢୀ, ସମ୍ପାଦକ ରମେଶ ମେଲାକା ଓ ଉପ ସଭାପତି ପ୍ରମୋଦ ଖୋରାଙ୍କ ମିଳିତ ସଂଯୋଜନାରେ ବୈଠକ ଆୟୋଜିତ ହୋଇଥିଲା। ସମ୍ପାଦକ ମେଲାକା ଏହି ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ବୈଠକରେ ସଭାପତି ପାଢ଼ୀ କହିଥିଲେ, ୨୦୧୦ରେ ଓଡ଼ିଶାର ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇ ସୁଚାରୁ ରୂପେ କାର୍ଯ୍ୟକାରୀ ଆସୁଥିଲେ। କିଛି ବର୍ଷ କାର୍ଯ୍ୟ କରିବା ପରେ ବିନା କାରଣରେ ଆମକୁ ଛଟେଇ କରାଯାଇଥିଲା । ଛଟେଇର କାରଣ ପଚାରି ବୁଝିବାରୁ ଏବେ ଆଲଟମେଣ୍ଟ ନାହଁ । ଯଦି ଆଲଟମେଣ୍ଟ ଆସେ କିମ୍ବା ନୂତନ ପଦବୀ ଘୋଷଣା ହୁଏ ପୁନଃ ନିଯୁକ୍ତି ଦିଆଯିବ ବୋଲି ଗୃହରକ୍ଷୀଙ୍କୁ କୁହାଯାଇଥିଲା। ହେଲେ ୨୦୧୪ରେ ପୁଣି ଥରେ ନୂତନ ପଦବୀ ଘୋଷଣା କରାଯିବା ସହ ଉକ୍ତ ପଦବୀ ପାଇଁ ଯେଉଁ ସବୁ ପରୀକ୍ଷା ଆବଶ୍ୟକ ରହିଥିଲା ତାହା ଆମେ ଦେଇଥିଲୁ। ସେଥିରେ ଉତ୍ତୀର୍ଣ୍ଣ ହେବା ପରେ ମଧ୍ୟ ନିଯୁକ୍ତି ଦିଆଯାଇ ନ ଥିଲା । ଏହି ସମସ୍ୟାକୁ ନେଇ ତତ୍କାଳୀନ ସରକାରଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା । ଏବେ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ପରେ ୨୨୯୮ଟି ପୁନଃ ନିଯୁକ୍ତି ପଦବୀ ଘୋଷଣା କରିଥିଲେ। ତେଣୁ ରାଜ୍ୟ ମହାସଂଘ ତରଫରୁ ଗୃହରକ୍ଷୀଙ୍କୁ ପୁନଃ ନିଯୁକ୍ତି ଦିଆଯିବା ନିମନ୍ତେ ଓଡିଶା ସରକାରଙ୍କୁ ନିବେଦନ କରୁଛନ୍ତି ବୋଲି ଜିଲା ସଭାପତି ପାଢ଼ୀ ସୂଚିତ କରିଥିଲେ । ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରେ ବୈଠକମାନ କରାଯିବା ସହ ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ ହୋମଗାର୍ଡ ସମ୍ମିଳନୀ କରାଯିବ । ଏଥିସହ ସେଠାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଓ ଉପଦେଷ୍ଟା ମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା ଜଣାଇ ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିବା ପାଇଁ ନିବେଦନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା।

# ଗୀତା ଆବୃତ୍ତି ପ୍ରତିଯୋଗିତା

ଗୁଣପୁର,୬।୧୦(ପ୍ରଦୀପ କୁମାର ପାଢ଼ୀ)



କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲା, ବିଚାରକ ଏବଂ ଅତିଥି।

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଜ୍ଞାନ ମିଶନ ତରଫରୁ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ସଂଘ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ମହାପାତ୍ର, ବିବେକାନନ୍ଦ କନ୍ୟାକୁମାରୀ ଶାଖାର ସଂଯୋଜିକା ପ୍ରତିଭା ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ନରସିଂହ ପଟ୍ଟନାୟକ, ଭଗବାନ ଚୌଧୁରୀ, କୃଷ୍ଣ ଚନ୍ଦ୍ର ପାଠୀ, ରାଜୀବ ଲୋଚନ ସାହୁ, ଶ୍ରୀକାନ୍ତ ଶତପଥୀ ଓ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପିଲା ମାନେ ଭାଗ ନେଇ ଶ୍ଳୋକ ପାଠ କରିଥିଲେ । ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ଓ ଆଚାର୍ଯ୍ୟା ହସ୍ମିତା ନାଗବଂଶ ଉପସ୍ଥିତ ରହି ସହଯୋଗ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଗ୍ରାମବାସୀଙ୍କ ସହଯୋଗ ରହିଲେ ଉନ୍ନୟନ କାର୍ଯ୍ୟ ସମ୍ଭବ: ବିଡିଓ

ବିଷମକଟକ, ୬।୧୦
(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ଗ୍ରାମର ଏବେ ବହୁତ ଉନ୍ନତି କରିଛି। ରାସ୍ତା କଡ଼ରେ ଥିବା ୯ଟି ଦୋକାନୀଙ୍କୁ ଉଠାଇ ସେମାନଙ୍କୁ ନୂତନ ୯ଟି ଦୋକାନ ଗୃହ ଦିଆଯାଇଛି। ବିବାହ ବ୍ରତ ପାଇଁ ବିଜୁ କଲ୍ୟାଣ ମଣ୍ଡପ, ସାପ୍ତାହିକ ହାଟ ପାଇଁ ନୂତନ ବଜାର ଗୃହ ନିର୍ମାଣ କରାଯାଇଛି। ଗ୍ରାମର ଆହୁରି ଉନ୍ନତୀକରଣ କାମ ବାକି ଅଛି, ଖୁବଶୀଘ୍ର ତାହା କରାଯିବ ବୋଲି ବିଡିଓ ସଦାଶିବ ନାୟକ କହିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ରହିଲେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ବୋଲି ବିଡିଓ ନାୟକ କହିଛନ୍ତି। ଏପରି କାର୍ଯ୍ୟ ପାଇଁ ଜିଲାପାଳ ଓ ବିଷମକଟକ ବ୍ଲକ ପ୍ରଶାସନ ଏବଂ ରାଜନେତାଙ୍କୁ ସମସ୍ତ ଜନସାଧାରଣ ଧନ୍ୟବାଦ ଜଣାଇଛନ୍ତି।



ହାଟମୁନିଗୁଡାରେ ନୂତନ ଭାବେ ନିର୍ମିତ ହୋଇଥିବା ଦୋକାନ ପିଣ୍ଡି ।

# ୧୮ କେଜି ରୁପା ଅଳଙ୍କାରରେ ସଜ୍ଜିତ ହେବେ ମା'

ରାୟଗଡା, ୬।୧୦(ଭାଗ୍ୟଶ୍ରୀ ମିଶ୍ର)

- ୬୩ ବର୍ଷରେ ପଦାର୍ପଣ କଲା ବ୍ରାହ୍ମଣ ସାହି ଦୁର୍ଗାପୂଜା କମିଟି
- ମା'ଙ୍କ ନିକଟରେ ଦିଆଯିବ କଖାରୁ ବଳି
- ୧୬ କନ୍ୟାଙ୍କୁ ପ୍ରସାଦ ସେବନ ମୁଖ୍ୟ ଆକର୍ଷଣ



ଧରାପୃଷ୍ଠକୁ ବିରାଜମାନ କରିବେ ଜଗତ ଜନନୀ ମା' ଦୁର୍ଗା । ଏଥିପାଇଁ ଗାଁଠୁ ସହର ଚଳଚଞ୍ଚଳ। ରାୟଗଡା ସହରରେ ସମସ୍ତ ବ୍ୟବସାୟିକ ସଂଗଠନ, କ୍ଲବ ପକ୍ଷରୁ ଦୁର୍ଗା ପୂଜାକୁ କିପରି ଅଧିକ ଆକାର୍ଷଣୀୟ କରି ହେବ ସେ ନେଇ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡା ସହରର ସର୍ବ ପୁରାତନ ଏବଂ ପ୍ରଥମ ଦୁର୍ଗା ପୂଜା ବ୍ରାହ୍ମଣ ସାହିର ଶାରଦୀୟ ଦୁର୍ଗା ପୂଜା କମିଟି ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର ଚାଲିଛି । ଏଠାରେ ମା'ଙ୍କ ନିକଟରେ ଦିଆଯାଉଥିବା କଖାରୁ ବଳି, ୧୬ ଶିଶୁ କନ୍ୟାଙ୍କୁ ପଜା ସହ ପ୍ରସାଦ ସେବନ ଏବଂ ୧୮ କେଜି ରୁପାରେ ମା'ଙ୍କ ସୁସଜ୍ଜିତ ମେଢ଼ ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ହେବ।

ଚଳିତ ବର୍ଷ ଏହି କମିଟି ପକ୍ଷରୁ ମା'ଙ୍କ ପୂଜା ୬୩ ବର୍ଷରେ ପଦାର୍ପଣ କରିଛି। ବ୍ରଜ କିଶୋର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘର ଦାଣ୍ଡରୁ ସର୍ବପ୍ରଥମେ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ପରେ ସ୍ୱେଚ୍ଛାସେବୀ ଯୁବକ ସଂଗଠନର ସମସ୍ତ ସଦସ୍ୟଙ୍କ ଦ୍ୱାରା ଶାରଦୀୟ ଦୁର୍ଗା ପୂଜା କମିଟି ଗଠନ କରାଯାଇଥିଲା। ଚଳିତ ବର୍ଷ ଷଷ୍ଠୀରୁ ଦୁର୍ଗା ପୂଜା ଆରମ୍ଭ ହେଉଥିବାବେଳେ ୮ ଫୁଟର ଦୁର୍ଗା ମୂର୍ତ୍ତି ନିର୍ମାଣ କରାଯାଉଛି। କଟକରୁ ଆସିଥିବା କାରିଗର ମୂର୍ତ୍ତି ନିର୍ମାଣରେ ଲାଗି ପଡ଼ିଛନ୍ତି। ସେହିପରି ପ୍ରତ୍ୟେକ ବର୍ଷ ପରି ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ସଜ୍ଜିତ କରାଯିବ। ଷଷ୍ଠୀରେ ଅଙ୍କୁରା ରୋପଣ, ବିଲ ଧୀବାସ ଓ ଗଙ୍ଗା ଧୀବାସ, ସପ୍ତମୀରେ ନବ ପତ୍ରିକା ସ୍ନାନ ସହ ପ୍ରାଣ ପ୍ରତିଷ୍ଠା କରାଯାଇ ସୂର୍ଯ୍ୟ ପୂଜା ସହ ହୋମ କାର୍ଯ୍ୟକ୍ରମ ରହିଛି। ମା'ଙ୍କ ନିକଟରେ ବଳି ପ୍ରଥାକୁ ପ୍ରୋତ୍ସାହନ ଦିଆଯାଉ ନ ଥିବାରୁ ଅଷ୍ଟମୀ ଦିନ ସନ୍ଧି ପୂଜା କରାଯିବା ସହ ଏକ କଖାରୁରେ ପ୍ରାଣ ପ୍ରତିଷ୍ଠା କରି ମା'ଙ୍କୁ ବଳି ଦିଆଯିବ । ସେହିପରି ନବମୀ ଦିନ ୧୬ କୁଆଁରୀ କନ୍ୟାଙ୍କୁ ପୂଜା କରାଯାଇ ପ୍ରସାଦ ସେବନ କରାଯିବା ବିଧି ରହିଛି । ଦଶମୀ ଦିନ ଅପରାଜିତା ପୂଜା ସହ ପୂର୍ଣ୍ଣାହୁତି କରାଯିବ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବୁଗି ବୁଗି ଶୋ, ଜଗବନ୍ଧୁ ମୁଦୁଲିଙ୍କ ଭଜନ ସମାରୋହ, ମ୍ୟାଜିକ ଶୋ, ପି ଏମସି ଡ୍ୟାନ୍ସ ଗ୍ରୁପ ଆଦି ବ୍ୟବସ୍ଥା କରାଯାଇଛି। ସ୍ୱେଚ୍ଛାସେବୀ ଯୁବକ ସଂଘର ସଭାପତି ପ୍ରଶାନ୍ତ ତ୍ରିପାଠୀ ଏବଂ ସଂଗଠନର ସମସ୍ତ କର୍ମକର୍ତ୍ତା ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି।

# ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରି ପ୍ରତୀକ ଧାରଣା

ନବରଙ୍ଗପୁର,୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଟେଣ୍ଟ ବାନ୍ଧି ପ୍ରତୀକ ଧାରଣା ଦିଆଯାଇଛି । ଧାରଣା ପାଇଁ ୩ଦିନ ଅନୁମତି ମିଳିଥିବା ବେଳେ ଏହା ବୃଦ୍ଧି ପାଇବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି ।

ନବରଙ୍ଗପୁର ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କ ଯୋଗ୍ୟତା ଥାଇ ମଧ୍ୟ ଆମ ନିଜ ଜିଲାର ପିଲା ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ଚାକିରି ପାଇ ପାରୁନାହାନ୍ତି । ତେଣୁ ନବରଙ୍ଗପୁର ଜିଲାରେ ବେକାରି ସମସ୍ୟା ବଢୁଛି । ଫଳରେ ବାଧ୍ୟ ହୋଇ ଯୁବତୀ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଗତ ଦିନରେ ନବରଙ୍ଗପୁର ଜିଲାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ୮୬୦ ଗୋଟି ପଦବୀ ବାହାରିଥିଲା। ସେଥିମଧ୍ୟରୁ ନବରଙ୍ଗପୁର ଜିଲାର ୧୩୪ ଜଣ ପ୍ରାର୍ଥୀ ହିଁ ନିଯୁକ୍ତି ପାଇଛନ୍ତି । ବଳକା ୭୨୬ ପିଲା ବାହାର ଜିଲାରେ ନିଯୁକ୍ତି ପାଇଛନ୍ତି।



ଧାରଣାରେ ବସିଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ।

ନବରଙ୍ଗପୁର ଜିଲାର ମୂଳ ବାସିନ୍ଦା ଶିକ୍ଷିତ ଯୁବତୀ ଯୁବକ କ'ଣ କରିବେ ବୋଲି ପ୍ରଶ୍ନ କରିଛି ମିଳିତ ମଞ୍ଚ । ରାଜ୍ୟରେ ଭାଜପା ଓ ବିଜେଡି ମେଣ୍ଟ ସରକାର ଥିବା ସମୟରେ ଜିଲା ଭିତ୍ତିକ ନିଯୁକ୍ତିକୁ ସମର୍ଥନ ଥିଲା। ବିଜେଡି ଜିଲା ଭିତ୍ତିକ ନିଯୁକ୍ତିକୁ ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା କଲା । ଏବେ ଭାଜପା ଜିଲା ଭିତ୍ତିକ ନିଯୁକ୍ତି ନ କରିବା ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଚାଲିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ତଥା ମିଳିତ ମଞ୍ଚ ଆବାହକ ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ସଭାପତି ଅର୍ଜ୍ଜୁନ ଭତରା କହିଛନ୍ତି। ଓଡିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନି କହିଛନ୍ତି, ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ବିରୋଧ କରୁଛି। ଜିଲା ଭିତ୍ତିକ ନିଯୁକ୍ତିକୁ ସରକାର ଯଦି ନ ମାନନ୍ତି ତେବେ ଆନ୍ଦୋଳନ ତୀବ୍ରତର

## ଜିଲାଭିତ୍ତିକ ନିଯୁକ୍ତି ଦାବି

ହେବ । ପ୍ରତି ଗାଁ ଓ ପଞ୍ଚାୟତରେ କମିଟି କାମ କରୁଛି । ଗାଁ ଗାଁରେ ଜିଲାଭିତ୍ତିକ ନିଯୁକ୍ତି ନେଇ ସଚେତନ କରାଇବ କମିଟି। ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ ଜାରି ରହିବ ବୋଲି ସେ କହିଛନ୍ତି । ଅଖିଳ ଭାରତୀୟ ଏସ୍‌ଟି ଏସସି ସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, ଜିଲା ଏସ୍‌ସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣ ଚନ୍ଦ୍ର ଭତ୍ରା, ନବରଙ୍ଗପୁର ଜିଲା ବିକାଶ ପରିଷଦ ସଭାପତି ସିରାଜ ଉଦ୍ଦିନ ଅହମ୍ମଦ, ଦୟାନିଧି ସୁନା, ଜିଲା ଏକତା ମଞ୍ଚ ବରିଷ୍ଠ ସଦସ୍ୟ, ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ସାମାଜିକ କର୍ମୀ କମଲୁ ହରିଜନ, ମିଳିତ ମଞ୍ଚର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶହରା ପାଳନ ନେଇ ସମନ୍ୱୟ ବୈଠକ


ପୋଲିସ ଏବଂ ପୂଜା କମିଟି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଡାବୁଗାଁ, ୬।୧୦(ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ପୋଲିସ ପକ୍ଷରୁ ଦଶହରା ପାଇଁ ଏକ ସମନ୍ୱୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାବୁଗାଁ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହେବାକୁ ଥିବା ଦୁର୍ଗା ପୂଜା ନିମନ୍ତେ ସରକାରଙ୍କ ଗାଇଡଲାଇନ ଅନୁସାରେ ଶାନ୍ତିଶୃଙ୍ଖଳାର ସହ ଦଶହରା ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ପୂଜାରେ ଭିଡ ନିୟନ୍ତ୍ରଣ, ରାବଣପୋଡି ସମୟରେ ୩୦ ମିଟର ଦୂରରେ ଦର୍ଶକମାନେ ରହିବେ ଓ କିପରି ସମ୍ପୂର୍ଣ୍ଣ ଦଶହରା ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ନେଇ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ଥାନା ସବ୍‌ଇନିସ୍ପେକ୍ଟର ଚନ୍ଦନ ସାହୁ, ଡାବୁଗାଁ ପୂଜା କମିଟି ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ଶିଂସାରୀ ପୂଜା କମିଟିର ଉଲଧର ମାଝି, କୃଷ୍ଣ ମାଝି, ଘୋଡାଖୁଣ୍ଟା ପୂଜା କମିଟିର ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ସୁକୁ ଭତ୍ରା, ଦେବରାଜ ପନକା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ


ଖାଲିଆଗୁଡା ଗ୍ରାମରେ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ବନ ଅଧିକାରୀ ଓ ଗ୍ରାମବାସୀ ।

ଡାବୁଗାଁ, ୬।୧୦ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ଖାଲିଆଗୁଡା ଗ୍ରାମରେ ବନ ସଂରକ୍ଷଣ ସମିତି ସହଯୋଗରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ରବିବାର ପାଳିତ ହୋଇଯାଇଛି। ଏଥିରେ ଡାବୁଗାଁ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ଯୋଗଦେଇ ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁ ସୁରକ୍ଷା, ନିଆଁର ପ୍ରକୋପରୁ ଜଙ୍ଗଲକୁ କିପରି ରକ୍ଷା କରାଯିବା ଉପରେ ବନ ସଂରକ୍ଷଣ ସମିତି ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ।ଏଥିରେ ଖାଲିଆଗୁଡା ବନ ସଂରକ୍ଷଣ ସମିତି ସଭାପତି ନରସିଂ ଭତ୍ରା, କୋଇଲାରୀ ପଞ୍ଚାୟତ ସନମତି ଭତ୍ରା, ବନରକ୍ଷୀ କାର୍ତ୍ତିକ ମାଝି, ମନୋରଞ୍ଜନ ନାୟକ, ଉମାଶଙ୍କର ମିଶ୍ର, ତାପସ ପଟ୍ଟନାୟକ ଓ ବନ ସଂରକ୍ଷଣ ସମିତିର ସଭ୍ୟା ସଭ୍ୟ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

# ଜନଜାତି ସୁରକ୍ଷା ମଞ୍ଚର ନୂଆଁଖାଇ ଭେଟ୍‌ଘାଟ

## ଜନଜାତି ସୁରକ୍ଷା ମଞ୍ଚର ନୂଆଁଖାଇ ଭେଟ୍‌ଘାଟ

କୋଷାଗୁମୁଡ଼ା,୬।୧୦ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମା ପଣ୍ଡୁଗୁଡା ରାସ୍ତା ଜଙ୍ଗଲରେ ଜନଜାତି ସୁରକ୍ଷା ମଞ୍ଚର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜନଜାତିମାନଙ୍କ ସାମାଜିକ ସୁରକ୍ଷା, ଶିକ୍ଷାରେ ଉନ୍ନତି ଆଣିବା, ବାଲ୍ୟବିବାହ ରୋକିବା, ଆର୍ଥିକ ସ୍ୱାବଲମ୍ବୀ ହେବା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣି, କଳା ସଂସ୍କୃତିକୁ ବଜାୟ ରଖିବା, ଚାକିରି ଆଶାୟୀ ଥିବା ଯୁବତୀ ଯୁବକ କିପରି ନିଯୁକ୍ତି ପାଇବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ବ୍ଲକର ୧୦ଟି ଜନଜାତି ସମାଜର ସଭାପତିଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ


ନୂଆଁଖାଇ ଭେଟ୍‌ଘାଟରେ ସାମିଲ ହୋଇଥିବା ଜନଜାତି ସୁରକ୍ଷା ମଞ୍ଚର କର୍ମକର୍ତ୍ତା ।

ମୁଖ୍ୟ ଅତିଥି ଭାବେ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜ୍ଜୁନ ଭତ୍ରା, ସମ୍ମାନନୀୟ ଅତିଥି ଭାବେ ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ବାଳକ ଦାସ ରନ୍ଧାରୀ, ଆଦିବାସୀ କର୍ମଚାରୀ ସଂଘ ସଭାପତି କାମଦେବ ଭତ୍ରା,ଉମେଶ ଚନ୍ଦ୍ର ପୂଜାରୀ ଓ ଚୈତନ୍ୟ ହାଲବା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ନରସିଂହ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌ପି ବଳଭଦ୍ର ମାଝୀଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ୍ ଗସ୍ତ

ତେନ୍ତୁଳିଖୁଣ୍ଟି,୬।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପାତ୍ରପୁଟ ପଞ୍ଚାୟତର ଭିତର ମେଂଗ୍ରା ଗ୍ରାମକୁ ଶନିବାର ଏମ୍‌ପି ବଳଭଦ୍ର ମାଝୀ ଗସ୍ତ କରି ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ଅଞ୍ଚଳଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୦୦ ଦିନର ସଫଳତା ଏବଂ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଏମ୍‌ପି ମାଝୀ କହିଥିଲେ । ମୋଦୀ ସରକାରଙ୍କ ତରଫରୁ ୧୮ ତମ ପିଏମ କିଷାନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଚାଷୀଙ୍କ ଧାନ ୩୧୦୦ ଟଙ୍କାରେ କିଣାଯିବ, ଜୟପୁରଠାରୁ ନବରଙ୍ଗପୁର ରେଲଲାଇନ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଏମ୍‌ପି ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ଜଗଦୀଶ ଚନ୍ଦ୍ର ବିଷୋୟୀ, ଅଚ୍ୟୁତାନନ୍ଦ ବିଷୋୟୀ, ଯୁବ ନେତା ଭିକି ବିଷୋୟୀ, ଲଛମନ ମାଝୀ, ରେକୃଷ୍ଣ ମୁଦୁଲି, ରମାପତି ବିଷୋୟୀ ଏବଂ ବ୍ଲକ୍‌ର ସମସ୍ତ ମୁଖ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଲ୍ୟାମ୍ପ୍‌ସ ପରିଚାଳନା ପରିଷଦ ବୈଠକ


ବୈଠକରେ ଉପସ୍ଥିତ ଲ୍ୟାମ୍ପ୍‌ସ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ତେନ୍ତୁଳିଖୁଣ୍ଟି,୬।୧୦ (ଚିଦାନନ୍ଦ ସାହୁ )

ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ୍‌ସର ପରିଚାଳନା ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲ୍ୟାମ୍ପ୍‌ସର ଭବିଷ୍ୟତ ଉନ୍ନତି ସମ୍ପର୍କରେ ଆଲୋଚନା ହେଇଥିଲା । ସଭାପତି ଅଖିଳ ଭତରା ବୈଠକରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ନରେଶ ଚନ୍ଦ୍ର ଦାସ ପୂର୍ବ ବୈଠକର ବିବରଣୀ ପାଠ କରି ଆଗାମୀ ଦିନର କାର୍ଯ୍ୟକ୍ରମ, ଲ୍ୟାମ୍ପ୍‌ସର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପରିଚାଳନା ପରିଷଦ ସଦସ୍ୟ ଦ୍ରୌପଦୀ ବେହେରା, ବାରିଜ କୁମାର ପଟ୍ଟନାୟକ, ପି ନାଗେଶ୍ୱର ରାଓ, ବାବୁଲା ଚୌଧୁରୀ, ମଣ୍ଟୁ ଭତରା, ଅଗାଧୁ ଭତରା, ଲଛନଦେଇ ମାଝି, ଉମାଶଙ୍କର ନାୟକ, ବନମାଳୀ ଜାନୀ, ବନମାଳୀ ଚାଲାଣ, ବାବୁଲା ନାୟକ, ଗୁରୁ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ସମିତିର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣେ ମୃତ

ଚିକିଟି/ପାତ୍ରପୁର,୬।୧୦
(ପ୍ରକାଶ ଚନ୍ଦ୍ର ସାହୁ/ଉମାଚରଣ ନେପାକ)

ବିଶାଖାପାଟଣାରେ ଏକ ଘରେ ରୋଷେଇ କରୁଥିବା ସମୟରେ ଶନିବାର ରାତି ୮ଟାରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ଜଣକ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ହୋଇଥିବା ବେଳେ ଗୁରୁତର ୨ଜଣ ଓଡ଼ିଶାର ଗଞ୍ଜାମ ଜିଲାର। ସେମାନେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ଲୋକନାଥ ମୂଳି ଓ ପାତ୍ରପୁର ବ୍ଲକ ଅନ୍ତର୍ଗତ ଅନ୍ତରସିଙ୍ଗି ଗ୍ରାମର କ୍ରିଷ୍ଟା ରେଡ୍ଡୀ। ଲୋକନାଥ, କ୍ରିଷ୍ଟା ଓ ଆନ୍ଧ୍ର ଅଞ୍ଚଳର ବ୍ୟକ୍ତି ଜଣକ ମିଶି ଦୀର୍ଘ ବର୍ଷ ଧରି ବିଶାଖାପାଟଣା ସ୍ଥିତ ଫ୍ଲାଇ ଆଶ୍ ନାମକ ଇଟା କମ୍ପାନୀରେ କାମ କରି ଆସୁଥିଲେ।

# ବର୍ଷକୁ ୧୦ ଦିନ ଖୋଲେ ଦଣ୍ଡୁମାରାମା ମା' ମନ୍ଦିର

ପାରଳାଖେମୁଣ୍ଡି, ୬।୧୦ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏକ ବିରଳ ଓ ଭିନ୍ନ ପରମ୍ପରାର ଦୁର୍ଗା ମନ୍ଦିର ରହିଛି। ଯେଉଁ ମନ୍ଦିର ବର୍ଷକୁ କେବଳ ମାତ୍ର ୧୦ଦିନ ଖୋଲା ହୁଏ । ଏହି ୧୦ ଦିନ ହିଁ ମା'ଏଠାରେ ପୂଜା ପାଆନ୍ତି। ବର୍ଷସାରା ଏହି ମନ୍ଦିରରେ ତାଲା ଝୁଲିଥାଏ । ପାରଳାଖେମୁଣ୍ଡି ସହରର ମୁଖ୍ୟ ଡାକ୍ତରଖାନାକୁ ଯିବା ରାସ୍ତାର ବାମ ପାର୍ଶ୍ୱରେ ଏହି ମନ୍ଦିର ରହିଛି। ଅତି ପୁରାତନ ଦାଣ୍ଡୁମାରାମା ମା'ମନ୍ଦିର ଟି ପାରଳା ରାଜ ପରିବାର ପକ୍ଷରୁ ଦୀର୍ଘବର୍ଷ ତଳେ ନିର୍ମିତ ହୋଇଥିଲା। ମନ୍ଦିରରେ ମା'ଦୁର୍ଗା ଦାଣ୍ଡୁମାରାମା ନାମରେ ପୂଜିତ ହୋଇ ଆସୁଛନ୍ତି । ଏହି ମନ୍ଦିର ନିର୍ମାଣ ହେବା ଦିନଠାରୁ ଏପର୍ଯ୍ୟନ୍ତ କେବଳ ମା'ଦୁର୍ଗାଙ୍କ



ନବରାତ୍ର ୯ ଦିନରେ ହିଁ ଏହି ମନ୍ଦିର ଖୋଲାଯାଏ ଏବଂ ମା' ପୂଜା ପାଇଥାନ୍ତି। ଏହି ୯ ଦିନକୁ ଛାଡି ଦଶହରା ଦିନ ବିଳମ୍ବିତ ରାତିରେ ଏହିମନ୍ଦିରକୁବନ୍ଦ କରିଦିଆଯାଏ।

ନବରାତ୍ରୀ ଆରମ୍ଭ ରେ ଶଙ୍ଖ, ହୁଳହୁଳୀ ଓ ବିଭିନ୍ନ ବାଦ୍ୟରେ ବଜାଇ ଏହି ମନ୍ଦିରର କବାଟ ଖୋଲାଯାଇ ନବରାତ୍ର ପୂଜାର୍ଚ୍ଚନା ଆରମ୍ଭ କରାଯାଏ। ରାଜାଙ୍କ ସମୟରେ ବର୍ଷକୁ ଥରେ ମନ୍ଦିର ଖୋଲାଯାଇ ମା'ପୂଜା କରାଯାଇ ଅଷ୍ଟମୀ ଦିନ ବଳୀ ଦେବା ପ୍ରଥା ମଧ୍ୟ ରହିଥିଲା। ପୂର୍ବରୁ ମନ୍ଦିରରେ ବଳିଦେଇ ପୂଜା ଆରମ୍ଭ ହେଉଥିଲା, ପୁଣି ଶେଷ ଦିନରେ ଅନ୍ୟ ଏକ ପଶୁ ବଳୀ ଦେଇ ମନ୍ଦିରକୁ ବନ୍ଦ କରାଯାଉଥିଲା। କାଳକ୍ରମେ ବଳିପ୍ରଥା ବନ୍ଦ ହୋଇଯାଇଛି। ମନ୍ଦିର ନିକଟରେ ଥିବା ଦଣ୍ଡୁମାଲାସାହି ବାସିନ୍ଦା ଏହି ମନ୍ଦିର ପରିଚାଳନା କରୁଛନ୍ତି।

ଦାଣ୍ଡୁମାଲାସାହି ବାସିନ୍ଦା ମା'ଙ୍କୁ ନବରାତ୍ର ୯ ଦିନ ପର୍ଯ୍ୟନ୍ତ ନିଜ ଘରୁ କ୍ଷୀରି, ଖେଚେଡି ଏବଂ ନିରାମିଷ ପ୍ରସାଦ ଆଦି ତିଆରି କରି ଆଣି ଭୋଗ ଲଗାଇଥାନ୍ତି । ମନ୍ଦିର ଅଧୀଷ୍ଠାତ୍ରୀ ଶ୍ରୀଶ୍ରୀଶ୍ରୀ ଦାଣ୍ଡୁମାରାମା ମା'ଙ୍କୁ ଦର୍ଶନ କଲେ ସର୍ବମଙ୍ଗଳ ପ୍ରାପ୍ତି ହେବା ସହ ଦୂରାରୋଗ୍ୟ ଓ ସମସ୍ତ କ୍ଲେଶ ଦୂର ହୁଏ। ଶ୍ରଦ୍ଧାଳୁ ଯାହା ମାନସିକ କରିଥାନ୍ତି ତାହା ପୂର୍ଣ୍ଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ରାଜାରାଜୁଡା ସମୟରେ ନିଜ ରାଜ୍ୟ ରାଜଧାନୀର ଚାରି କୋଣକୁ ସୁରକ୍ଷା ଦେବାପାଇଁ ଚାରି କୋଣରେ ଦେବୀମାନଙ୍କ ମନ୍ଦିର ସ୍ଥାପନ କରାଯାଇଥିଲା। ସେହିଭଳି ପାରଳାଖେମୁଣ୍ଡି ଗଜପତି ପରିବାରର ରାଜତ୍ୱ କାଳରେ ନିଜ ରାଜଧାନୀର ସୁରକ୍ଷା ପାଇଁ ସହରର ଉତ୍ତର ପୂର୍ବ କୋଣରେ ଏହି ମନ୍ଦିର ସ୍ଥାପନ କରାଯାଇଛି।

# ମହିଳାଙ୍କ ସୁରକ୍ଷା, ନିରାପତ୍ତା ଉପରେ ଆଲୋକପାତ

ନବରଙ୍ଗପୁର,୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସଖୀ ୱାନ ଷ୍ଟପ ସେଣ୍ଟରର ପଞ୍ଚମ ସ୍ୱନକ୍ଷତ୍ର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୌରୀ ଶଙ୍କରମାଝୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ


ଏମ୍‌ପି ବଳଭଦ୍ର ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ସଖୀ ୱାନ ଷ୍ଟପ ସେଣ୍ଟରର ୫ମ ସ୍ୱନକ୍ଷତ୍ର

ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଏଡିଏମ୍‌ଓ ସୁକାନ୍ତ କୁମାର ଶତପଥୀ, ସସ୍ମିତା ମହାନ୍ତି ମହିଳା ସୁରକ୍ଷା ଅଧିକାରୀ, ପୁଷ୍ପାଞ୍ଜଳି ମହାନ୍ତି, କାଉସିଲର ଶର୍ମିଷ୍ଠା ଦେଓ ଯୋଗଦାନ କରିଥିଲେ । ଏହି ଅବସରରେ ଏମପି ମାଝୀଙ୍କ ଦ୍ୱାରା ଜିଲା ସଦର ମହାକୁମା ଡାକ୍ତରଖାନା ପରିସରରେ ମୁଖ୍ୟ ସଖୀ ୱାନ ଷ୍ଟପ ସେଣ୍ଟର ଅତିରିକ୍ତ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପରେ ସମ୍ମିଳନୀ କକ୍ଷରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସୁଧୀର ସାବତ ସଖୀ ୱାନ ଷ୍ଟପ ସେଣ୍ଟରର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ନିଖୋଜ ଓ ନିର୍ଯାତିତଙ୍କ ମାନସିକ ସ୍ଥିତିର ପରିଚାଳନା ଏବଂ ସେମାନଙ୍କ ଥଇଥାନ ଅତ୍ୟନ୍ତ କଷ୍ଟକର ଉପରେ ଆଲୋଚନା କରିଥିଲେ । ମନୋରମା ମାଝୀ, ଜେମାମଣି ବିଷୋୟୀ ନାରୀ ସୁରକ୍ଷା ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଦୁର୍ଗା ପୂଜା ସମୟରେ ନବରାତ୍ରି ଅବସରରେ ମହିଳା ସୁରକ୍ଷା ଓ ନିରାପତ୍ତା ଉପରେ ଆଲୋକପାତ କରିଥିଲେ । ସାଇ କେୟାର ଅନୁଷ୍ଠାନର ପ୍ରତିଷ୍ଠାତା ଦୁର୍ଗା ପ୍ରସାଦ ପାଢ଼ୀ, ଓଡିଶା ରାଜ୍ୟ ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ୧୨ ଖେଳାଳି ଚୟନ

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳ, ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ଡାବୁଗାଁ, ୬।୧୦(ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ୧୧ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ୨୦୨୪–୨୦୨୫ ରବିବାର ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ, ସମ୍ପାଦକ ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ଓ ଡାବୁଗାଁ



କ୍ରୀଡା ପତାକା ଅବତରଣ କରାଯାଉଛି।

ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦, ୬୦୦ ମିଟର ଦୌଡ, ଲମ୍ଵ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ ଓ ଡିସକସ ଏବଂ ୧୭ ବର୍ଷରୁ କମ ବାଳିକା ବାଳକ ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦ ଓ ୩୦୦୦ ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ, ଡିସକସ ଓ ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ୧୨ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏମାନେ ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଟିମ ମ୍ୟାନେଜର ପ୍ରମୋଦ ମଲ୍ଲିକଙ୍କ ସହ ଗସ୍ତ କରିଛନ୍ତି। ଉକ୍ତ ସମସ୍ତ ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ପାଇଁ ପ୍ରତିନିଧିତ୍ୱ କରିବେ। ଏଥିରେ ଖେଳ ଶିକ୍ଷକ ବିଭାଶିଷ ଦେ, ବ୍ରଜବନ୍ଧୁ କାଣ୍ଡି, ମନୋଜ ପୂଜାରୀ, ହେମନ୍ତ କୁମାର ସାମଲ, କ୍ଷୀରୋଦ ବିଶ୍ୱାସ, ରଞ୍ଜନ କୁମାର ପରିଡା, ବାସୁଦେବ ରଥ, ଉମାକାନ୍ତ ବିଶାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସେହିପରି ପ୍ରତି ବ୍ଲକରୁ ଆସିଥିବା ଖେଳ ଶିକ୍ଷକ, ଡାବୁଗାଁ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଜୟା ଦଶମୀ ପାଳନ



ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୟପୁର ଦିବ୍ୟ ଜୀବନ ସଂଘ ଆଶ୍ରମ ପରିସରରେ ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଛି। ଜୟପୁର ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର, ନଗର କାର୍ଯ୍ୟବାହ ଡ. ମନୋରଞ୍ଜନ ପ୍ରଧାନ ଓ ଜିଲା ବୌଦ୍ଧିକ ପ୍ରମୁଖ ଅଜୟ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଧ୍ୱଜା ରୋପଣ, ଅମୃତ ବଚନ, ବ୍ୟକ୍ତିଗତ ଗୀତ ଓ ପ୍ରାର୍ଥନା କାର୍ଯ୍ୟକ୍ରମ ହୋଇଥିଲା।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୟପୁର ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟପୁର ଘାଟବାଗରାଠାରୁ ମାଳିଦଳେଇପୁଟ ଯାଏ ପଦଯାତ୍ରା ବାହାରିଥିଲା। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ରଶ୍ମି ରଥ, ଅସ୍ଥା ନାୟକ,ବରିଷ୍ଠ ବିଜେଡି ନେତା ଝିନ ହିକ୍କା,ପ୍ରଫୁଲ୍ଲ ପାଙ୍ଗି, କୌଶଲ୍ୟା ହିକ୍କା, ଅନୁପ ପାତ୍ର,ବାଲା ରାୟ, ଦୁର୍ଗା ମିଶ୍ର,ବିଷ୍ଣୁ ପାତ୍ର ଓ ବିରେନ୍ଦ୍ର ସାଗର ପ୍ରମୁଖ ଉପସ୍ଥିତ ଥିଲେ। ୨୪ ବର୍ଷ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ ସବୁ ଜନହିତକର କାର୍ଯ୍ୟ କରିଛନ୍ତି ସେ ନେଇ ଲୋକଙ୍କୁ ବୁଝାଇବା ସହ ରାଜ୍ୟ ଭାଜପା ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ନିର୍ବାଚନ ସମୟରେ ଇସ୍ତାହାରରେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା କରିବା, ୩ ଶହ ୟୁନିଟ ବିଜୁଳି ମାଗଣା ଦେବା ଆଦି ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିବା ବେଳେ ପ୍ରତାରଣା କରୁଥିବା ନେଇ ଗ୍ରାମବାସୀମାନଙ୍କୁ ବିଜେଡି ନେତାମାନେ କହିଥିଲେ।

### ସଂଗ୍ରାମୀ ଲକ୍ଷ୍ମୀ ପଣ୍ଡାଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଆଜାଦ ହିନ୍ଦ ଫୌଜର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ଶ୍ରାଦ୍ଧ ଦିବସ ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ସଂସଦର ସଭାପତି ଉଦୟ ଶଙ୍କର ଜାନୀ, ପ୍ରଫେସର ସତ୍ୟନାରାୟଣ ରଥ, ଡ. ପରେଶ ରଥ,ସଂସ୍କୃତ ଶିକ୍ଷକ ମନୋଜ ମିଶ୍ର,ଶିବ କେଶବ ଦାସ, ପ୍ରମୋଦ କୁମାର ରାଉଳ,



ପ୍ରବୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ସମ୍ପାଦକ ବୈରାଗୀ ସାହୁ ଓ ଉପସଭାପତି ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଜଣଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

**ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ**

କୋରାପୁଟ,୬।୧୦(ଅମିତାଭ ବେହେରା)




କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

କୋରାପୁଟ ଆର୍‌ସିସିଏଫଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ଓ ସମନ୍ୱୟ କେନ୍ଦ୍ର ସଭାଗୃହରେ ରବିବାର ୭୦ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କୋରାପୁଟ ସହକାରୀ ବନ ସଂରକ୍ଷକ ଶୁଭଦର୍ଶିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି.ଭାସ୍କର ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କୋଟସ୍ ନିର୍ଦ୍ଦେଶକ ପି.ସି. ମହାପାତ୍ର, ଉପ ବନ ସଂରକ୍ଷକ ପି. କେ.ଭଦ୍ରା,ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରାମକୃଷ୍ଣ ସାହୁ, ବରିଷ୍ଠ ଖବରଦାତା ସି.ଏଚ. ଶାନ୍ତାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଉତ୍ତମ କାର୍ଯ୍ୟ କରିଥିବା କୋରାପୁଟ ଓ ଜୟପୁର ଉପଖଣ୍ଡର ଦୁଇ ଜଣଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। କୋରାପୁଟ ଉପଖଣ୍ଡ ପାଇଁ ସଦାଶିବ ଗତନ ଓ ଜୟପୁର ଉପଖଣ୍ଡ ପାଇଁ ସୁଶୀଲ କୁମାର ନାୟକଙ୍କୁ ୫ ହଜାର ଟଙ୍କା ଲେଖାଏର ଚେକ୍ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେମିଳିଗୁଡା ରେଞ୍ଜ ଅଫିସର ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ରେଞ୍ଜ ଅଫିସର ଏସ୍.କେ.ପାହାଡ଼ସିଂ ଓ ଡେପୁଟି ରେଞ୍ଜ ଅଫିସର ବିକାଶ ପାତ୍ର ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ପାର୍ବଣରେ ଧର୍ମଘଟରୁ ଓହରିବାକୁ ବସ୍ ମାଲିକଙ୍କୁ ବିଧାୟକଙ୍କ ପରାମର୍ଶ

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସୋମବାରରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଦଶହରା ସମୟରେ ଧର୍ମଘଟରୁ ଓହରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବସ୍ ମାଲିକଙ୍କୁ ପରାମର୍ଶ ଦେଇଛନ୍ତି। ପାର୍ବଣରେ ବନ୍ଦ ଡାକରା ଦେଲେ ଜନ ସମର୍ଥନ ମିଳିବନି ଏବଂ ଲୋକେ ହଇରାଣ ହେବେ, ଆନ୍ଦୋଳନ ସମାଧାନ ନୁହଁ, ଦଶହରା ପରେ ଆଲୋଚନା କରି ବିକଳ୍ପ ବାହାର କରିବା ବୋଲି ବିଧାୟକ ବାହିନୀପତି କହିଛନ୍ତି। ଲକ୍ଷ୍ମୀ ବସ୍‌କୁ ନେଇ ମନ୍ତ୍ରୀ ଏବଂ ସରକାରଙ୍କ ସହ ଆଲୋଚନା ହୋଇଥିବା ବେଳେ ଯେଉ ରୁଟ୍‌ଗୁଡ଼ିକରେ ବସ୍ ଚାଲୁନି ସେହି ଦିଗରେ ବସ୍ ସେବା ଆରମ୍ଭ ହେବାକୁ ସରକାର ଚାହୁଁଛନ୍ତି। ଏ ନେଇ ଘରୋଇ ବସ୍ ମାଲିକମାନେ ବିରୋଧ କରିବାର ଆବଶ୍ୟକ ନାହିଁ ବୋଲି ବିଧାୟକ ଗଣମାଧ୍ୟମ ଜରିଆରେ ବାର୍ତ୍ତା ଦେଇଛନ୍ତି।

ସୂଚନାଯୋଗ୍ୟ,କୋରାପୁଟ ଜିଲାରେ ମଧ୍ୟ ଟାଇପ୍-୧ ସେବା ପାଇଁ ୧୪ ବ୍ଲକରେ ୪୦ରୁ ଅଧିକ ବସ୍ ଗଡୁଥିବା ବେଳେ ଟାଇପ୍-୩ ସେବା ପାଇଁ ଜୟପୁରରୁ ପୁରୀ ବସ୍ ଦୈନିକ ଚାଲୁଛି। କିନ୍ତୁ ଟାଇପ୍-୨ ସେବା ପାଇଁ ଆସିଥିବା ୧୩ ଏସି ବସ୍ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡରେ ୯ ମାସ ହେବ ପଡି ରହିଛି। ଗତ ସରକାର ଚଲାଇଥିବା କୋଟପାଡ଼-କୋରାପୁଟ ଏବଂ ବନ୍ଧୁଗାଁ-କୋରାପୁଟ ମଧ୍ୟରେ ଚଳପ୍ରଚଳ ହେଉଥିବା ଦୁଇ ଏସି ବସ୍‌କୁ କୋରାପୁଟ ଆର୍‌ଟିଓ ଅଫ୍ ରୁଟ୍ କରିଥିବା ବେଳେ ବସ୍‌ଗୁଡ଼ିକ ଜୟପୁରରେ ପଡି ରହିଛି। କୋରାପୁଟ ଜିଲାରେ ପ୍ରଥମ କରି ଖାଲି ରହିଥିବା ବିଭିନ୍ନ ରୁଟ୍ ପାଇଁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିବାକୁ ଅଗଷ୍ଟ ମାସରୁ ସ୍ଥାନୀୟ ଆର୍‌ଟିଓଙ୍କ ନିକଟରେ ରୁଟ୍ ଆବେଦନ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କୋରାପୁଟ ଆର୍‌ଟିଓ ଆସନ୍ତା ୧୦ ତାରିଖ ଦିନ ଧାର୍ଯ୍ୟ କରିଥିବା ବେଳେ ଏହା ପୂର୍ବରୁ ଘରୋଇ ବସ୍ ମାଲିକ ସଂଘ ବନ୍ଦ ଡ଼ାକରା ଦେଇଛି। ଜୟପୁର ପୌର ଅଧ୍ୟକ୍ଷଙ୍କ ଆନ୍ଦୋଳନ ଡାକରାକୁ ବିଧାୟକଙ୍କ ପ୍ରତ୍ୟାହାର ପ୍ରସ୍ତାବ କେତେ କାଟୁ ଖାଉଛି ତାହା ଦେଖିବାକୁ ବାକି ରହିଲା।

# ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କରେ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

**ହଇରାଣ ହେଉଛନ୍ତି ବୃଦ୍ଧା**

ଦଶମନ୍ତପୁର,୬।୧୦(ଅରବିନ୍ଦ ନାୟକ)




ବୃଦ୍ଧାଙ୍କୁ ହାତଧରି ବ୍ୟାଙ୍କକୁ ନିଆଯାଉଛି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତ ଅଧୀନରେ ଥିବା ଛେଣ୍ଡିଗୁଡା ଗ୍ରାମର ଜଣେ ବୃଦ୍ଧା(୯୫) ଭତ୍ତା ଟଙ୍କା ପାଇଁ ଷ୍ଟେଟ ବ୍ୟାଙ୍କ୍‌ରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଛେଣ୍ଡିଗୁଡା ଗ୍ରାମର ମକର ଗୌଡ଼ ୧୦୦୦ଟଙ୍କା ଭତ୍ତା ପାଉଥିବା ବେଳେ ପୂର୍ବରୁ ପଞ୍ଚାୟତରୁ ନଗଦ ଆକାରରେ ମିଳୁଥିଲା ବୋଲି ତାଙ୍କ ବୋହୂ ମଇନା ଗୌଡ଼ କହିଛନ୍ତି। କିନ୍ତୁ ସରକାର ପକ୍ଷରୁ ଜମାଖାତାକୁ ଭତ୍ତା ପଠାଯିବା ନିୟମ ହେବା ପରେ ମୋ ଶାଶୁଙ୍କୁ ଗାଁଠାରୁ ବହୁତ କଷ୍ଟରେ ଏକ ଅଟୋରେ ବ୍ୟାଙ୍କକୁ ନେବା ଆଣିବା ପାଇଁ ଆମକୁ ୪୦୦ ଟଙ୍କା ଭଡା ଦେବାକୁ ପଡୁଛି। ବ୍ୟାଙ୍କକୁ ଯାଇ ଭତ୍ତା ଗ୍ରହଣ କରିବା ପାଇଁ ବୃଦ୍ଧା ଜଣକ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ତାଙ୍କ ବୋହୂ କହିଛନ୍ତି। ତେବେ ଧାଡି ବାନ୍ଧି ଛିଡା ହୋଇଥିବା ବୃଦ୍ଧାଙ୍କ ଅବସ୍ଥା ଦେଖି ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଏଭଳି ଅସହାୟ ବୃଦ୍ଧାମାନଙ୍କୁ ଜାଣିଶୁଣି ଧାଡି ବାନ୍ଧି ଛିଡା କରିବା ପରିବର୍ତ୍ତେ ପ୍ରଥମେ ଭତ୍ତା କାହିଁକି ଦିଆଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି। କେବଳ ମକର ନୁହନ୍ତି ଗାଁର ବ୍ଲକରେ ଅନେକ ବୃଦ୍ଧାବୃଦ୍ଧ ରହିଛନ୍ତି,ଯାହାଙ୍କୁ ବ୍ୟାଙ୍କ୍‌ରେ ଧାଡ଼ି ବାନ୍ଧି ଅପେକ୍ଷା କରିବାକୁ ପଡୁଛି। ଏଭଳି ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଷ୍ଟେଟବ୍ୟାଙ୍କ ଗୁଡ଼ିକରେ ଧାଡିବାନ୍ଧି ଛିଡା କରିବା ପରିବର୍ତ୍ତେ ଖୁବଶୀଘ୍ର ଭତ୍ତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ୮ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜଣେ ଅଭିଯୁକ୍ତଙ୍କୁ ଅବକାରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଜୟପୁର ପାରାବେଡା ଏଲ୍‌ଆଇସି କଲୋନୀର ଶିବ ଟାକିରି। ଦେଶୀ ମଦ ଚାଲାଣ ହେଉଥିବା ବେଳେ ଜୟପୁର ଅବକାରି ଥାନା ଚଢାଉ କରି ୮ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି।

## ଭାଜପା ସଦସ୍ୟତା ଗ୍ରହଣ,କୃଷକ ସମ୍ମାନିତ ସମାବେଶ

ଜୟପୁର,୬।୧୦(ପବନ ପାଣିଗ୍ରାହୀ)

ଜୟପୁର ନିର୍ବାଚନ ମଣ୍ଡଳୀର ଅମ୍ବାଗୁଡାରେ ଭାଜପା ପକ୍ଷରୁ ସଦସ୍ୟତା ଗ୍ରହଣ ଓ କୃଷକ ସମ୍ମାନିତ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଉପସଭାପତି ବିପଦ ଭଞ୍ଜନ ଦାସ,କୋରାପୁଟ ବିଧାୟକ ରଘୁରାମ ମାଛ,କୃଷକ ମୋର୍ଚ୍ଚା ଜିଲା ସଭାପତି ଭଗବାନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଶାସନ କାଳରେ କୃଷି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହେବା ସହ କୃଷକମାନଙ୍କୁ ଅବହେଳା କରାଯାଉଥିଲା। ଭାଜପାର ଡବଲ ଇଞ୍ଜିନ ସରକାର ଆସିବା ପରେ କୃଷି କ୍ଷେତ୍ରରେ ଉନ୍ନତି,ସମସ୍ତ ଚାଷ ଜମିକୁ ଜଳ ସେଚନ,କୃଷିଜାତ ଦ୍ରବ୍ୟର ଉତ୍ପାଦନ ହାର ବୃଦ୍ଧି କରାଯାଇ ଚାଷୀଙ୍କୁ ଅଧିକ ଲାଭବାନ କରିବା ଭାଜପା ସରକାରଙ୍କ ଲକ୍ଷ୍ୟ। ରାଜ୍ୟର ପ୍ରତି ଜିଲାରେ ଶୀତଳ ଭଣ୍ଡାର ପ୍ରସ୍ତୁତ କରି ଆଳୁ ଓ ପିଆଜ ଚାଷ ଉତ୍ପାଦନ ହାର ବୃଦ୍ଧି ପାଇଁ ଦୃଷ୍ଟି ଦିଆଯିବ। ସମାବେଶରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସମ୍ମାନୀତ କରାଯାଇଥିଲା।

## ଇଂଲିଶ ବିଭାଗର ଆଲୋଚନାଚକ୍ର, ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ଅତିଥିମାନେ ଜନ୍ କିଟ୍ସଙ୍କ ବିଷୟରେ ଆଲୋଚନା କରୁଛନ୍ତି।

ସୁନାବେଡା/ସେମିଳିଗୁଡା,୬।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ସେମିଳିଗୁଡ଼ା କଲେଜ**

ସେମିଳିଗୁଡା ମହାବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ 'ଇଂରାଜୀ ସାହିତ୍ୟର ବିଶିଷ୍ଟ କବି ଜନ୍ କିଟ୍ସଙ୍କ ରୋମାଣ୍ଟିସିଜମ୍' ଉପରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ସଙ୍କ ଉପରେ ଚାରୋଟି ପେପର୍ ପାଠ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଶିବାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ବିଭାଗର ଅନ୍ୟତମ ଅଧ୍ୟାପକ ରବିନ ସିଂ ନିଜସ୍ୱ ପେପର୍ ପଢିବା ସହ ଇଭାଲିନ ଖୋସ୍‌ଲା, ଜୟନ୍ତୀ ଜାନି, ନୀଳକଣ୍ଠ ତାଣ୍ଡି ନିଜର ପେପର୍ ପାଠ କରିଥିଲେ। ସେମିନାରରେ ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଝାନ୍‌ସି ସିଂହ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନାକୁ ପ୍ରଶଂସା ସହ ଜନ କିଟ୍ସଙ୍କର ଇଂଲିଶ ସାହିତ୍ୟରେ ବଳିଷ୍ଠ ଅବଦାନ ରହିଛି ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନବାଗତଙ୍କୁ ନେଇ ନୂଆ ଉତ୍ସାହ ଦେଖାଦେଇଥିଲା। ଶେଷରେ ଅଧ୍ୟାପକ ନିରଞ୍ଜନ ପୋଡ଼ ମତ ଉପସ୍ଥାପନ କରିବା ସହ ଅଧ୍ୟାପିକା ରିସ ବୀତା ଖୋସ୍‌ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଅମଲା ସଂଘର ୮୧ ତମ ପୂର୍ତ୍ତି ଉତ୍ସବ




କୋରାପୁଟ ଓଡ଼ିଶା ଅମଲା ସଂଘର ୮୧ତମ ପୂର୍ତ୍ତି ଉତ୍ସବରେ ସଂଘର ସଦସ୍ୟମାନେ।

କୋରାପୁଟ/ଜୟପୁର,୬।୧୦
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଓଡ଼ିଶା ଅମଲା ସଂଘର ୮୧ତମ ପୂର୍ତ୍ତି ଉତ୍ସବ ରବିବାର ପାଳିତ ହୋଇଯାଇଛି। ଜିଲା ଶାଖା ସଭାପତି ଶଶୀଭୂଷଣ ଦାସଙ୍କ ନେତୃତ୍ୱରେ କୋରାପୁଟ ଅମଲା ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଆଦିବାସୀ ସଂଗ୍ରହାଳୟରେ ପହଞ୍ଚି ବିଭିନ୍ନ ଜିଲା ଓ ରାଜ୍ୟରୁ ଆସିଥିବା ନେତୃବୃନ୍ଦଙ୍କୁ କୋରାପୁଟ ଜିଲା ଅମଲା ସଂଘ ଦ୍ୱାରା ସ୍ୱାଗତ କରାଯାଇଥିଲା। ଅମଲା ସଂଘର ରାଜ୍ୟ ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସେଠି,ସୁକାନ୍ତ କୁମାର ମହାପାତ୍ର,ରାଜ୍ୟ ଉପସଭାପତି ଶ୍ୟାମ ସୁନ୍ଦର ନାୟକ,ସୁନାକର ରାଉତ,ରୂପ କେଶରୀ ଦଳେଇ,ସଞ୍ଜୟ କୁମାର ପଣ୍ଡା,ଜିତେନ୍ଦ୍ର କୁମାର ମୁଣ୍ଡ,ପର୍ଶୁରାମ ପାତ୍ର ଓ ମହେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କୋରାପୁଟ ଜିଲାର ବିଭିନ୍ନ ବିଭାଗରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ଭାବେ ଯୋଗଦାନ କରିଥିବା ସମସ୍ତ କନିଷ୍ଠ ସହାୟକଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଲକ୍ଷ୍ମୀକାନ୍ତ ଦାଶ,କୈଳାଶ ସାମନ୍ତରାୟ, ଗୁପ୍ତ ପଟ୍ଟନାୟକ, ବିନାୟକ ମହାପାତ୍ର, କାଳି ପ୍ରସାଦ ମିଶ୍ର,ରାଜିବ ପ୍ରଧାନ, ସଞ୍ଜୟ କୁମାର ରଥ,ରାମକୃଷ୍ଣ ପଣ୍ଡା, ରାଜେନ୍ଦ୍ର ନାରାୟଣ ପାଢ଼ୀ, ସୁଜାତା ମହାପାତ୍ର,ଆଦିକା ସଙ୍ଗୀତା,ମିନାକ୍ଷୀ ମଞ୍ଜରି ଦେଇ ଓ ଅର୍ଚ୍ଚନା ବାଗଙ୍କ ସହ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ପରିବେଶ ସ୍ୱଚ୍ଛ ରହିଲେ ସୁସ୍ଥ ସମାଜ ଗଠନ ସମ୍ଭବ



ଭେଜାପୁଟ ମାର୍କେଟ ଅଞ୍ଚଳରେ ସଫେଇ କରାଯାଉଛି।

ଦାମନଯୋଡି,୬।୧୦(ମାନସ ରଞ୍ଜନ କର)

ଦାମନଯୋଡି ସତ୍ୟସାଇ ସେବା ସମିତି ଓ ସିଦ୍ଧେଶ୍ୱର ବଣିକ ସଂଘ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଭେଜାପୁଟ ବଜାର ଓ ସିଦ୍ଧେଶ୍ୱର ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳରେ ସଫେଇ କରାଯାଇଥିଲା। ଏଥିରେ ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ସଫେଇ କରିଥିଲେ। ପରିବେଶ ସ୍ୱଚ୍ଛ ରହିବା ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜେ ବସବାସ ଓ ଚଳପ୍ରଚଳ ହେଉଥିବା ଅଞ୍ଚଳକୁ ସ୍ୱଚ୍ଛ ରଖିବାକୁ ଅଞ୍ଚଳର ବିଶିଷ୍ଟ ସାମାଜିକକର୍ମୀ ଅଜୟ ଜେନା ବ୍ୟବସାୟୀ ଓ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ।

# ଗୋ ବନ୍ଧ୍ୟା ନିରାକରଣ,ସଚେତନତା ଶିବିର

ଲକ୍ଷ୍ମୀପୁର,୬।୧୦(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ସଦର ମହକୁମାରେ ଗୋ ବନ୍ଧ୍ୟା ନିରାକରଣ ଓ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ଗୋ ପାଳକମାନେ ଗାଈ,ବାଛୁରୀମାନଙ୍କୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରେଇବା ସହ ଟିକାକରଣ କରିଥିଲେ। ଗାଈ ଠିକ ସମୟରେ ପ୍ରଜନନ କରିବା ସହ ସ୍ୱାସ୍ଥ୍ୟ ଭଲ ରହିବା ନେଇ ଗୋ ପାଳକଙ୍କୁ ଅବଗତ କରାଯାଇଥିଲା। ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ପ୍ରକାଶ ମହାନ୍ତି, ଲକ୍ଷ୍ମୀପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ମନୋଜ କୁମାର ବେହେରା,ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଆଶୁତୋଷ ମଲ୍ଲିକ, ଗୌଡଗୁଡ଼ା ପ୍ରାଣୀଧନ ନିରୀକ୍ଷକ ପ୍ରମୋଦ କୁମାର



ସାହୁ, ଭିତରଗଡ ପ୍ରାଣୀ ଧନ ନିରୀକ୍ଷକ ଜଗନ୍ନାଥ ସାଗର,ତୟାପୁଟ ପ୍ରାଣୀଧନ ନିରୀକ୍ଷକ ଲାଲ୍‌ବାହାଦୁର ବିଷୋୟୀ, ଓଡ଼ିଆ ପେଣ୍ଠ ପ୍ରାଣୀଧନ ନିରୀକ୍ଷକ ପିପନ କୁମାର ସାହୁ,ପଞ୍ଜଡା ପ୍ରାଣୀ ଧନ ନିରୀକ୍ଷକ ରାଜା ଜନସନ ତାଣ୍ଡି,ଗୋ ପାଳକ ମନୋଜ ନାୟକ, ରମେଶ ନାୟକ,ବାଲ୍ୟକୃଷ୍ଣ ନାୟକ,ସୁବାସ ନାୟକ,କୃଷ୍ଣଚନ୍ଦ୍ର ନାୟକ ଧର୍ମେନ୍ଦ୍ର ନାୟକ ଦମଦାର ଚାଲାଣ,ଚୈତନ୍ୟ କୁମ୍ଭାର ଓ ଟିଙ୍କୁ କୁମ୍ଭାର, କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବନଖଣ୍ଡସ୍ତରୀୟ ଆଭ୍ୟନ୍ତରୀଣ ବୈଠକ

କୋରାପୁଟ,୬।୧୦(ଅମିତାଭ ବେହେରା)

କୋରାପୁଟ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ଓ ସମନ୍ୱୟ କେନ୍ଦ୍ର ପରିସରରେ ବନଖଣ୍ଡ ପକ୍ଷରୁ ବନ୍ୟ ପ୍ରାଣୀ ସଂରକ୍ଷଣ ନେଇ କୋରାପୁଟ ବନଖଣ୍ଡସ୍ତରୀୟ ଆଭ୍ୟନ୍ତରୀଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି.ଭାସ୍କର ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି କୋରାପୁଟ ଏମ୍‌ପି ସପ୍ତଗିରୀ ଶଙ୍କର ଉଲ୍ଲାକା,କୋରାପୁଟ ବିଧାୟକ ରଘୁରାମ ମାଛ,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟପ୍ରାଣୀ ସଂରକ୍ଷଣ ନେଇ ବନ ବିଭାଗ ଅଧିକାରୀ,ଲୋକ ପ୍ରତିନିଧି ଓ ସାଧାରଣ ଜନତା ମିଳିତ ଭାବେ ବନ୍ୟ ପ୍ରାଣୀର ସୁରକ୍ଷା ସହିତ କିପରି ନୂତନ ଜଙ୍ଗଲ ସୃଷ୍ଟି



ବୈଠକରେ ଉପସ୍ଥିତ ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କରାଯାଇପାରିବା ନେଇ ଗୁରୁତ୍ୱାରୋପ କରିବା ସହ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ମିଳିତ ବୈଠକ ଡକାଇବାକୁ କୋରାପୁଟ ବନ ଖଣ୍ଡ ଅଧିକାରୀଙ୍କ ଏମ୍‌ପି ଉଲ୍ଲାକା ପରାମର୍ଶ ଦେବା ସହ ବନ୍ୟପ୍ରାଣୀର ସୁରକ୍ଷା ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ବନ୍ୟପ୍ରାଣୀ ଓ ବନର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କୋଟପାଡ ବ୍ଲକର ଆମ୍ବଗାଁ ସରକାରୀ ୟୁପି ସ୍କୁଲ, ସେମିଳିଗୁଡାର ଢ଼ୁମୁରିଗୁଡା ଗ୍ରାମସଭା,ପଟ୍ଟାଙ୍ଗୀ ବ୍ଲକର ସିପାହୀପୁଟର ସେତୁବନ୍ଧ ପ୍ରତ୍ୟୁସର ଗ୍ରୁପ,ଜୟପୁର ବ୍ଲକର ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ ବ୍ଲକର ମାଥାଲପୁଟର ମାଲୁସାନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଆଦି ଅନୁଷ୍ଠାନକୁ ପ୍ରକୃତି ମିତ୍ର(ପ୍ରତି ଅନୁଷ୍ଠାନକୁ ପ୍ରମାଣପତ୍ର ସହ ୨୦ ହଜାର ଟଙ୍କାର ଚେକ୍) ପୁରସ୍କାର, ଜିଲାର କୁନ୍ଦୁରା ବ୍ଲକର ସିମାଞ୍ଚଳ ପ୍ରସାଦ ସାହୁ, ଜୟପୁର ବ୍ଲକର ଜଗଦୀଶ କୁମାର ମିଶ୍ର, ବୋରିଗୁମ୍ମା ବ୍ଲକର ଗୌରୀ ଶଙ୍କର ସାମନ୍ତରାୟ, କୋଟପାଡ ବ୍ଲକର କୁଞ୍ଜ ବିହାରୀ ବୈଦ୍ୟ ପଟ୍ଟନାୟକ,ବୈପାରିଗୁଡାର ହର୍ଷିତା ପ୍ରିୟଦର୍ଶନୀ ମହାନ୍ତି ଓ କୋରାପୁଟର ତ୍ରିନାଥ ଦଳେଇଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର (ପ୍ରତି ବ୍ୟକ୍ତିଙ୍କୁ ପ୍ରମାଣପତ୍ର ସହ ୧୦ ହଜାର ଟଙ୍କାର ଚେକ)ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ଶୁଭଦର୍ଶିନୀ ମହାନ୍ତି,କୋରାପୁଟ ରେଞ୍ଜର ଏସ.କେ. ପାହାଡ ସିଂ ଓ ଅତିରିକ୍ତ ରେଞ୍ଜର ବିକାଶ ଚନ୍ଦ୍ର ପାତ୍ର ସହାୟତା କରିଥିଲେ।

